# Akashvani, Sambalpur

## SAMBALPURI NEWS BULLETIN

### 19 June 2024- 6.47- 6.52 am.

*******************************************

ପିଏମ୍ କିଷାନ୍- ମୁଖ୍ୟମନ୍ତ୍ରୀ            ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଚାଷୀମାନ୍‌କର୍ ସଶକ୍ତିକରଣ୍ ଆର୍ କଲ୍ୟାଣ୍ ହେଉଛେ ସର୍‌କାର୍‌ଙ୍କର୍ ମୁଖ୍ୟ ଉଦ୍ଦେଶ୍ ବଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ୍ ମାଝୀ କହିଛନ୍ । ବର୍‌ଗଡ୍ ଜର୍ଜ ହାଇସ୍କୁଲ୍ ପଡ଼ିଆ ନ ହେଇଥିବା ପିଏମ୍ କିଷାନ୍ ସମ୍ମାନ୍ ଉତ୍ସବ୍‌ଥି ଯୋଗ୍ ଦେଇକରି ଶ୍ରୀ ମାଝୀ କହିଛନ୍ ଯେ, ରାଜ୍ୟ ସର୍‌କାର୍ ଆଏବା ଦିନେ ଚାଷୀମାନ୍‌କର୍ ଲାଗି ଥିବା କେନ୍ଦ୍ର ସର୍‌କାର୍‌ଙ୍କର୍ ବିକାଶ୍‌ମୂଲକ୍ ଯୋଜ୍‌ନା ରାଏଜେ ଲାଗୁ କର୍‌ବାର୍‌କେ ଯୋଜ୍‌ନା କରିଛନ୍ । ଆଏବା ୧୫ ଦିନ୍ ଭିତ୍‌ରେ ପିଏମ୍ କିଷାନ୍ ସମ୍ମାନ୍ ନିଧି ଯୋଜ୍‌ନା ନୁ ବଂଚିତ୍ ହେଇଥିବା ସବୁ ଯୋଗ୍ୟ ହିତାଧିକାରୀଙ୍କୁ ଯୋଜ୍‌ନାଥି ସାମିଲ୍ କରାଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ସେ ଆହୁରି କହିଛନ୍ ଯେ, ଓଡ଼ିଶାର୍ ୩୧ ଲାଖ୍ ୬୨ ହଜାର୍ ଚାଷୀ ପିଏମ୍ କିଷାନ୍ ସମ୍ମାନ୍ ନିଧି ଯୋଜ୍‌ନାର୍ ୧୭ ନମ୍ବର୍ କିସ୍ତିଥି ମୋଟ୍ ୬ ଶହ ୩୨ କୋଟି

୪୮ ଲାଖ୍ ଟଙ୍କା ପାଇଛନ୍ । ଇଥିର୍‌ଲାଗି ସେ ରାଜ୍ୟର୍ ଚାଷୀମାନ୍‌କୁ ଶୁଭେଚ୍ଛା ଜନେଇଛନ୍ ।

ବିଧାନ୍‌ସଭା ଅଧିବେଶନ୍ ଆର୍‌ଏନ୍‌ୟୁ/ କଟକ୍

୧୭ ନମ୍ବର୍ ବିଧାନ୍‌ସଭାର ସ୍ୱତନ୍ତ୍ର ଅଧିବେଶନ୍‌ର ଆଏଜ୍ ହେଉଛେ ୨ ନମ୍ବର୍ ଦିନ୍ । ନୂଆଁକରି ନିର୍ବାଚିତ୍ ହେଇଥିବା ଶହେ ୧ ସଦସ୍ୟ ଗଲାକାଏଲ୍ ଶପଥ୍ ନେଇଥିବାର୍ ବେଲେ ଆଏଜ୍ ବାକି ସଦସ୍ୟମାନେ ଶପଥ୍ ନେବେ । କାମଚଲା ବାଚସ୍ପତି ରଣେନ୍ଦ୍ର ପ୍ରତାପ୍ ସ୍ୱାଇଁ ସଦସ୍ୟମାନ୍‌କୁ ଶପଥ୍ ପାଠ୍ କରାବେ । ଆଏଜ୍ ଉପର୍‌ବେଲା ୫ ବଜେତକ୍ ଇ ଶପଥ୍ ଗ୍ରହଣ୍ ସମାରୋହ ହେବା ।

୩ ଦିନ୍ ଧରିକରି ହେବାର୍‌କେ ଥିବା ବିଧାନ୍‌ସଭାର୍ ଇ ସ୍ୱତନ୍ତ୍ର ଅଧିବେଶନ୍‌ଥି ଆଏବା କାଏଲ୍ ବାଚସ୍ପତି ନିର୍ବାଚନ୍ ପ୍ରକ୍ରିୟା ହେବା । ଆଏଜ୍ ମଏଧାନର୍ ୧୨ ବଜେତକ୍ ବାଚସ୍ପତି ପଦ ଲାଗି ନାମାଙ୍କନ ପତ୍ର ଦାଖଲ୍ ସମୟସୀମା ଧାରିଜ୍ କରାଯାଇଛେ ।

ସ୍କୁଲ୍ ଖୁଲ୍‌ବା ଆର୍‌ଏନ୍‌ୟୁ /ସମ୍ବଲପୁର

ଖରାଛୁଟି ଉତାରୁ ଝାରସୁଗୁଡ଼ା, ବୌଦ୍ଧ, କେନ୍ଦ୍ରାପଡ଼ା ଆର୍ ବାଲେଶ୍ୱର୍ ଜିଲ୍ଲାର୍ ସ୍କୁଲ୍ ମାନେ ଆଏଜ୍‌ନୁ ଖୁଲ୍‌ବା । ସେନ୍ତା ସମ୍ବଲ୍‌ପୁର୍, ବଲାଙ୍ଗିର୍, ନୂଆପଡ଼ା, ସୁବର୍ଣ୍ଣପୁର୍, ସୁନ୍ଦର୍‌ଗଡ଼୍, ବର୍‌ଗଡ଼୍ ଜିଲ୍ଲା ସହେତେ ୧୧ ଟା ଜିଲ୍ଲାର୍ ସ୍କୁଲ୍ ମାନେ ଶୁକ୍ରବାର୍ ୨୧ ତାରିଖ୍ ଦିନ ଖୁଲ୍‌ବା । ସ୍କୁଲ୍ ଖୁଲ୍‌ଲା ଉତ୍‌ରୁ ପାଠ୍‌ପଢ଼ାକେ ତୁର୍‌ତି କର୍‌ବାର୍ ଲାଗି ଓଡ଼ିଶା ସ୍କୁଲ୍ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ୍- ଓସେପା ତର୍‌ଫୁ ପ୍ରସ୍ତୁତି କରାଯାଇଛେ ।

କନିଷ୍ଠ ଶିକ୍ଷକ୍ ନିଯୁକ୍ତି ପ୍ରକ୍ରିୟା-ହାଇକୋର୍ଟ

ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟ ନ ୨୦ ହଜାର୍ କନିଷ୍ଠ ଶିକ୍ଷକ୍ ନିଯୁକ୍ତି ପ୍ରକ୍ରିୟା ରଦ୍ଧ କର୍‌ବାର୍ ଲାଗି ହାଇକୋର୍ଟ ମନା କରି ଦେଇଛନ୍ । ହାଇକୋର୍ଟର ମୁଖ୍ୟ ବିଚାର୍‌ପତି ଜଷ୍ଟିସ୍ ଚକ୍ରଧାରୀ ଶରଣ୍ ସିଂ ଆଉ ଜଷ୍ଟିସ୍ ଏମ୍.ଏସ୍. ରମଣ୍‌ଙ୍କୁ ନେଇକରି ଗଠିତ୍ ଖଣ୍ଡପୀଠ ଇ ରାୟ ଶୁନେଇଛନ୍ । ନିଯୁକ୍ତି ପ୍ରକ୍ରିୟା ରଦ୍ଧ କରିଦେଲେ ରାଏଜେ ଶିକ୍ଷକଙ୍କର୍ ଅଭାବ୍ ହେବାର୍ ସହେତେ, ଶିକ୍ଷାଦାନ୍‌ଥି ଭିଲ୍ ବାଧା ସୃଷ୍ଟି ହେବା ବଲି ଖଣ୍ଡପୀଠ କହିଛନ୍ ।

ଡାକଘର୍ ଅଧିନିୟମ୍-୨୦୨୩        ଆର୍‌ଏନ୍‌ୟୁ / ସମ୍ବଲପୁର

ଦେଶେ ଗଲାକାଏଲ୍‌ଠାନୁ ଡାକଘର୍ ଅଧିନିୟମ୍-୨୦୨୩ ଲାଗୁ ହେଇଛେ । ଡାକଘର୍ ବିଧେୟକ୍ ୨୦୨୩ ମସିହା ଡିସେମ୍ବର୍ ୨୪ ତାରିଖ୍ ଦିନ ରାଷ୍ଟ୍ରପତିଙ୍କର୍ ଅନୁମୋଦନ୍ ଲାଭ କରିଥିଲା । ନାଗରିକ୍ କେନ୍ଦ୍ରିକ ସେବା, ବେଙ୍କିଙ୍ଗ୍ ସେବା ଆର୍ ସର୍‌କାରୀ ଯୋଜ୍‌ନାର୍ ଲାଭ୍ ତଲ୍‌ସ୍ତର୍‌ତକ୍ ପୁହୁଁଚାବାର୍ ଲାଗି ଗୁଟେ ସରଲ୍ ଆଇନ୍‌ଗତ ଢାଂଚା ସୃଷ୍ଟି କର୍‌ବାର୍‌ଟା ଇ ଆଇନ୍‌ର ଉଦ୍ଦେଶ୍ ଆଏ । ଇ ଆଇନ୍‌ଥି ବ୍ୟବସାୟ କର୍‌ବାର୍ ସୁଗମତା ଆଉ ସହଜ୍ ଜୀବନ୍‌ଧାରଣ୍ ବଢ଼ାବାର୍ ଲାଗି ଚିଠି ସଂଗ୍ରହ, ପ୍ରକ୍ରିୟା କରଣ୍ ଆର୍ ବାଂଟ୍‌ବାର୍ ସ୍ୱତନ୍ତ୍ର ଅଧିକାର୍ ବ୍ୟବସ୍ଥାକେ ଶେଷ୍ କରି ଦିଆଯାଇଛେ । ଇ ଆଇନ୍‌ଥି କେନ୍‌ସି ଦଣ୍ଡବିଧାନ୍‌ର ବ୍ୟବସ୍ଥା ନାଇଁନ ।

ସୁବର୍ଣ୍ଣପୁର୍            ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ନ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର୍ ମୁକାବିଲା ଲାଗି ଅତିରିକ୍ତ ଜିଲ୍ଲାପାଲ୍ ଅଞ୍ଜଳିନା ପ୍ରଧାନ୍‌ଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲାସ୍ତରୀୟ ଟେବୁଲ୍ ଟପ୍ ଏକ୍ସର୍‌ସାଇଜ୍ ଜିଲ୍ଲାପାଲ୍‌ଙ୍କର୍

ସମ୍ମିଲନୀ କକ୍ଷ ନ ହେଇଯାଇଛେ । ଇଥି ବନ୍ୟାର୍ ମୁକାବିଲା ଲାଗି ବିଭାଗୀୟ ପ୍ରସ୍ତୁତି ଆଉ କାର୍ଯ୍ୟକାରିତା ଉପ୍ରେ ଭିନ୍ ଭିନ୍ ବିଭାଗ୍ର କାର୍ଯ୍ୟକ୍ରମର୍ ବିସ୍ତୃତ ବିବରଣୀ ଉପସ୍ଥାପନ୍ କରାଯାଇଥିଲା ।

ସୁବର୍ଣ୍ଣପୁର୍-ଝାଡ଼ାବାନ୍ତି ଅସୁସ୍ଥ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ର କୁଷାପାଲି ଗାଁ ନ ବାସି ମିଠା ଖାଇକରି ୫୦ ଝନ୍ ଝାଡ଼ାବାନ୍ତିଥି ଆକ୍ରାନ୍ତ ହେଇଥିବାର୍ ଜନାପଡ଼ିଛେ । ସେମାନ୍କୁ ଡୁଙ୍ଗୁରିପାଲି ଡାକ୍ତର୍ଖାନା ନ ଚିକିତ୍ସା ଲାଗି ଭର୍ତି କରାଯାଇଥିବାର୍ ବେଲେ ସେମାନ୍କର୍ ଭିତ୍ରୁ କେତେଝନ୍ ଚିକିତ୍ସା ଉତ୍ରୁ ଘର୍କେ ଫିରିଛନ୍ ।

ପାଣିପାଗ ଆର୍ଏନ୍ୟୁ/ସମ୍ବଲପୁର

ରାଏଜେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଏବା ୨ ଦିନ୍ ଭିତ୍ରେ ସକ୍ରିୟ ହେବା । ସେଆଡ଼େ ଆଏଜ୍ ସମ୍ବଲ୍ପୁର୍, ସୁନ୍ଦର୍ଗଡ଼୍, ବଲାଙ୍ଗିର୍, କଲାହାଣ୍ଡି, ବୌଦ୍ଧ, ନୂଆପଡ଼ା, ସୋନ୍ପୁର୍, ଝାର୍ସୁଗୁଡ଼ା ର ଗୁଟେ ଜୁଡ଼େ ଜାଗା ନ ଧୁକାଧନ୍ଦି

ସହେତେ ବର୍ଷା ହେବା ବଲି ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସୂଚ୍ନା ମିଲିଛେ ।